EDUCATIONAL GROUP
Changing your Tomorrow

# ODM PUBLIC SCHOOL

**SESSION :** ୦୧
**CLASS :** ଚତୁର୍ଥ ଶ୍ରେଣୀ
**SUBJECT :** ଓଡ଼ିଆ
**CHAPTER :** ଭାରତ ର ବୁଲ୍‌ବୁଲ୍
**SUBTOPIC :** ଉପକ୍ରମ, ଲେଖକ ପରିଚୟ ଓ ବିଷୟ ପଠନ



Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# QUIZ

https://wordwall.net/resource/24310524



ODM EDUCATIONAL GROUP
Changing your Tomorrow

# ଶୈକ୍ଷିକ ଉଦ୍ଦେଶ୍ୟ

ମହାନ ବିଦୁଷୀ ସରୋଜିନୀ ନାଇଡୁ ଙ୍କ ବିଷୟ ରେ ଜାଣିବା



ODM PUBLIC SCHOOL
SCHOOL OF HUMAN EXCELLENCE

ODM EDUCATIONAL GROUP
Changing your Tomorrow

# କହିଲ ଦେଖୁ



ODM EDUCATIONAL GROUP
Changing your Tomorrow

ଭାରତ ର ଜାତୀୟ ପତାକା ର ନାମ ?

ତ୍ରିରଙ୍ଗା



ଭାରତ ର ଲୌହ ପୁରୁଷ କିଏ ?



ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

ଜାତିର ପିତା କିଏ ?



ମହାତ୍ମା ଗାନ୍ଧୀ

ଭାରତ ର ବୁଲ୍‌ବୁଲ୍ କିଏ ?



ସରୋଜିନୀ ନାଇଡୁ

କାହାକୁ ଆମେ ନେତାଜୀ ବୋଲି ଜାଣୁ ?



ସୁବାଷ  ଚନ୍ଦ୍ର ବୋଷ

# ଭଗବାନ ମହାନ୍ତି



ODM EDUCATIONAL GROUP
Changing your Tomorrow

ଶୀଯୁକ୍ତ ଭଗବାନ ମହାନ୍ତି ୧୯୨୯ ମସିହାରେ ବର୍ତ୍ତମାନ ର ଖୋର୍ଦ୍ଧା ଜିଲ୍ଲାର ବାଲକାଟି ସନ୍ନିକଟ ବସନ୍ତପେଡି ଗ୍ରାମ ରେ ଜନ୍ମ ଲାଭ କରିଥିଲେ । ସେ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରିଥିଲେ । ସେ ସମୟ ରେ ସେ ଅନେକ ପ୍ରବନ୍ଧ ରଚନା କରିଥିଲେ , ତନ୍ମଧରୁ ଆମ ପର୍ବପର୍ବାଣୀ , ଆମ ସାହିତ୍ୟ ଓ ସଂକୃତି ରେ ମାଛ, ମସ୍ୱ୍ୟକନ୍ୟା , ପଦ୍ମ ଓ ମନେରଖ , ଆମ ସମ୍ବିଧାନ , ତୁଳସି ଦୁଇ ପତ୍ର ରୁ ବାସେ, ଓ ଦେଶ ଓ ବିଦେଶ ଭ୍ରମଣ ର ମଜା କାହାଣୀ ପ୍ରଧାନ । ଭାରତ ର ସ୍ୱାଧୀନତା ସଂଗ୍ରାମୀ ସରୋଜିନୀ ନାଇଡୁ ଙ୍କ ଜୀବନୀ ବିଷୟ ରେ ଆଧାରିତ ଭାରତ ର ବୁଲ୍‌ବୁଲ୍ ତାଙ୍କର ଏକ ଅନନ୍ୟ କୃତି

# ଭାରତର ବୁଲ୍‌ବୁଲ୍

ଝିଅଟିଏ ଥିଲା । କବିତା ଲେଖାରେ ତା'ର ଭାରି ମନ । କି ଦିନ କି ରାତି, ସେ ଏକୁଟିଆ ବସେ । ମନେ ମନେ କ'ଣ ଗୁଣୁଗୁଣୁ ହୋଇ ଖାତାରେ ଲେଖି ପକାଏ । ବେଳ ପାଇଲେ ବାହାରେ ବୁଲି ସୁନ୍ଦରସୁନ୍ଦର ଫୁଲ, ଚଢ଼େଇ, ଗଛଲତା ସବୁକୁ ଅନେଇ କ'ଣ ଭାବେ । ସତେ ଯେପରି ଏମାନେ ତା'ର ଅତି ଆପଣାର । ଏକଥା ମାଆଙ୍କ ଛଡ଼ା ଅନ୍ୟ କେହି ଜାଣିପାରନ୍ତି ନାହିଁ । ମାଆ ଝିଅକୁ ଉତ୍ସାହ ଦିଅନ୍ତି । ବାପା କିନ୍ତୁ ଚାହାନ୍ତି ଓଲଟା । ବାପାଙ୍କ ଇଚ୍ଛା, ଝିଅ ଅଙ୍କ କଷୁ, ହିସାବ କିତାବ ଭଲ ଜାଣୁ । ଥରେ ବାପା ଝିଅକୁ କେତେଖଣ୍ଡ ଅଙ୍କ କଷିବାକୁ ଦେଲେ । ମାତ୍ର ଝିଅର ଅଙ୍କ କଷିବାରେ ମନ ନାହିଁ । ଅଙ୍କ କଷିବାପାଇଁ ବାଧ କରି ବାପା ତାକୁ ଗୋଟିଏ କୋଠରୀ ଭିତରେ ରଖି ବାହାରୁ କବାଟ କିଳିଦେଲେ । କେତେ ସମୟ ପରେ ଆସି କବାଟ ଖୋଲିଲେ । ମାତ୍ର ଏ କ'ଣ ? ଝିଅଟି ଅଙ୍କ ନ କଷି ଲେଖି ପକାଇଛି ଗୋଟିଏ ସୁନ୍ଦର କବିତା । କବିତାଟି ଲେଖାଯାଇଛି ଇଂରାଜୀ ଭାଷାରେ ।



ବାପା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ମନେ ମନେ କହି ପକାଇଲେ, "ବାଃ, କେଡ଼େ ସୁନ୍ଦର କବିତା !" ସେ ଭାବିଲେ ତାଙ୍କ ଝିଅ ଭବିଷ୍ୟତରେ ନିଶ୍ଚେ ଜଣେ ବଡ଼ କବି ହେବ । କବି ଭାବରେ ନାଆଁ କରିବ ।

ପାଠପଢ଼ା ସହିତ ଝିଅଟିର ମନପ୍ରାଣ ଲାଗି ରହିଲା କବିତା ଲେଖାରେ । ବଡ଼ ହେଲା ପରେ ସତକୁସତ ସାରା ପୃଥିବୀରେ ନାଁ କଲା । ଏବେ ତାଙ୍କ କବିତା ସ୍କୁଲ୍, କଲେଜରେ ପଢ଼ା ହେଉଛି । ତାଙ୍କ ଲେଖା ପଢ଼ି ଲୋକେ ଆନନ୍ଦ ପାଉଛନ୍ତି । ଏହି ନାରୀ କବିଙ୍କର ଇଂରାଜୀ ଭାଷାରେ ବେଶ୍ ଦକ୍ଷତା ଥିଲା । ଇଂରେଜ ଲୋକମାନେ ମଧ୍ୟ ତାଙ୍କ କବିତାକୁ ପ୍ରଶଂସା କରୁଥିଲେ । ତାଙ୍କ କବିତାରେ ମୁଗ୍ଧ ହୋଇ ତାଙ୍କୁ

ସରୋଜିନୀ ନାଇଡୁ ଗୋଟିଏ ମଧ୍ୟବିତ୍ତ ବଙ୍ଗାଳୀ ପରିବାରରେ ୧୮୭୯ ମସିହା, ଫେବୃଆରୀ ୧୩ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଅଘୋରନାଥ ଚଟ୍ଟୋପାଧ୍ୟାୟ ଓ ମାତା ବରଦା ସୁନ୍ଦରୀଙ୍କର ସନ୍ତାନମାନଙ୍କ ମଧ୍ୟରେ ସେ ଥିଲେ ସବୁଠାରୁ ବଡ଼ । ସରୋଜିନୀ ହାଇଦ୍ରାବାଦ୍‌ର ଜଣେ ଡାକ୍ତର ଗୋବିନ୍ଦ ରାଜୁଲୁ ନାଇଡୁଙ୍କୁ ବିବାହ କରିଥିଲେ । ବିବାହ ପରେ ସେ ନିଜ ନାଆଁ ଲେଖିଲେ ସରୋଜିନୀ ନାଇଡୁ ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠୁଥିଲା । ମାତ୍ର ବାରବର୍ଷ ବୟସରେ ମାଟ୍ରିକ୍ ପରୀକ୍ଷା ଦେଇ ସମସ୍ତ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହା ପରେ ସେ ଯାଇ ଇଂଲଣ୍ଡର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ନାଆଁ ଲେଖାଇଲେ । ପାଠ ପଢିବା ସଙ୍ଗେସଙ୍ଗେ ସୁନ୍ଦରସୁନ୍ଦର କବିତା ରଚନା କରିବା ଓ ବକ୍ତୃତା ଦେବାରେ ମଧ୍ୟ ସେ ନିଜର ଦକ୍ଷତାର ପରିଚୟ ଦେଲେ ।

ସେତେବେଳକୁ ଭାରତ ଇଂରେଜ ଶାସନ ଅଧୀନରେ ଥାଏ । ନିଜ ଜନ୍ମଭୂମିର ପରାଧୀନତା ତାଙ୍କ ହୃଦୟରେ ଗଭୀର ଦୁଃଖ ଆଣିଦେଲା । ଏଣୁ ସେ ଦେଶପ୍ରେମମୂଳକ କବିତା ଲେଖିବାକୁ ଲାଗିଲେ । ତାଙ୍କ ଦେଶପ୍ରେମମୂଳକ କବିତା ଓ ବକ୍ତୃତା ସେ କାଳର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅନୁପ୍ରାଣିତ କରିଥିଲା । ଏପରିକି ଜବାହାରଲାଲ୍ ନେହେରୁ ଏବଂ ସୁଭାଷଚନ୍ଦ୍ର ବୋଷଙ୍କ ଭଳି ସେକାଳର ସଂଗ୍ରାମୀ ଯୁବକମାନେ ମଧ ସେଇ କବିତା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ।



୧ ୯ ୦ ୩ ମସିହାରେ ବମ୍ବେ (ମୁମ୍ବାଇ)ରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଏକ ବିରାଟ ସଭା ହେଉଥାଏ। ସେହି ସଭାରେ ସେ ନିଜେ ଇଂରାଜୀରେ ଲେଖିଥିବା ଏକ ଉଦ୍‌ବୋଧନମୂଳକ କବିତା ସୁନ୍ଦର ସ୍ୱରରେ ଗାନ କରିଥିଲେ। ତାଙ୍କ କଣ୍ଠ ସ୍ୱର କୋକିଳର ସ୍ୱର ଭଳି ଖୁବ୍ ମଧୁର ଥିଲା । ସେହି କବିତାଟି ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଥିଲା। ସେ ଯେଉଁଭଳି ସୁନ୍ଦରସୁନ୍ଦର କବିତା ଲେଖୁଥିଲେ ତାକୁ ସେଇଭଳି ସୁନ୍ଦର ସ୍ୱରରେ ଗାନ କରିପାରୁଥିଲେ। ସେଥିପାଇଁ ତାଙ୍କୁ କୁହାଯାଉଥିଲା 'ଭାରତର ବୁଲ୍‌ବୁଲ୍'।

ପରବର୍ତ୍ତୀ କାଳରେ ସରୋଜିନୀ ନାଇଡୁ ଭାରତର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ। ୧ ୯ ୧ ୪ ମସିହାରେ ପ୍ରଥମ ଥର ପାଇଁ ସେ ଗାନ୍ଧିଜୀଙ୍କୁ ଭେଟିଲେ। ଗାନ୍ଧିଜୀଙ୍କ ନୀତି, ଆଦର୍ଶ ଓ ସରଳତା ତାଙ୍କୁ ପ୍ରଭାବିତ କରିଥିଲା।

କବିତ୍ୱ ଓ ଭଲ ଭାଷଣ ଦେବାର ଦକ୍ଷତା ସହ ରାଜନୀତି କ୍ଷେତ୍ରରେ ମଧ୍ୟ ତାଙ୍କର ନିପୁଣତା ପ୍ରକାଶିତ ହୋଇଥିଲା।

୧ ୯ ୩ ୦ ମସିହା କଥା। ସେତେବେଳକୁ ଭାରତରେ ଲବଣ ସତ୍ୟାଗ୍ରହ ଚାଲିଥାଏ। ଗାନ୍ଧିଜୀ ସତ୍ୟାଗ୍ରହରେ ମାତିଥାଆନ୍ତି। ଇଂରେଜମାନେ ଯେତେବେଳେ ଗାନ୍ଧିଜୀଙ୍କୁ ଗିରଫ କଲେ, ସରୋଜିନୀ ନାଇଡୁ ଏହି ସତ୍ୟାଗ୍ରହର ନେତୃତ୍ୱ ନେଇ ଆନ୍ଦୋଳନକୁ ଚାଲୁ ରଖିଲେ। ଦେଶପାଇଁ ସେ ବହୁବାର କାରାବରଣ କରିଛନ୍ତି ଓ ବହୁ ଦୁଃଖ କଷ୍ଟ ସହିଛନ୍ତି।

ଭାରତର ସ୍ୱାଧୀନତା ଲାଭ ପରେ ସେ ଉତ୍ତରପ୍ରଦେଶର ରାଜ୍ୟପାଳ ପଦବୀ ମଣ୍ଡନ କରିଥିଲେ। ଏପରି ଗୌରବ ଅର୍ଜନ କରିବାରେ ସେ ହେଉଛନ୍ତି ଭାରତର ପ୍ରଥମ ମହିଳା। ରାଜ୍ୟପାଳରୂପେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ୭ ୦ ବର୍ଷ ବୟସରେ ୧ ୯ ୪ ୯ ମସିହା ମାର୍ଚ୍ଚ ୨ ତାରିଖରେ ତାଙ୍କର ମୃତ୍ୟୁ ହେଲା। ଭାରତବାସୀଙ୍କ ହୃଦୟରେ ତାଙ୍କର ସ୍ମୃତି ଚିରଦିନ ଅମଳିନ ହୋଇ ରହିଥିବ। ସେ କେବଳ ପ୍ରାଚ୍ୟ ଜଗତର କୋକିଳ ବା ଭାରତର ବୁଲ୍‌ବୁଲ୍ ନ ଥିଲେ, ସେ ଥିଲେ ପ୍ରକୃତରେ ହୀରାଟିଏ।



# ଗୃହକର୍ମ



ବିଷୟ ଟି ର ଭଲ ଭାବରେ ପଠନ ଅଭ୍ୟାସ କର

EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP